ଆରବିଆଇ/ ୨୦୦୫-୦୬ / ୨୯୬
ଡ଼ିଜିବିଏ. ଜିଏଡ଼ି. ନଂ ଏଚ. ୧୩୦୩/୪୫.୦୧.୦୦୩/୨୦୦୫-୦୬

ଫେବୃୟାରୀ ୬,୨୦୦୬
ମାଘ ୧୭, ୧୯୨୭(ଶକ)

**ସମସ୍ତ ପେନ୍‌ସନ୍ ପ୍ରଦାନକାରୀ ବ୍ୟାଙ୍କ**

ପ୍ରିୟ ମହାଶୟ,

**ସାର୍ବଜନୀନ କ୍ଷେତ୍ର ବ୍ୟାଙ୍କ୍ ମାଧ୍ୟମରେ ପେନ୍‌ସନ୍ ପ୍ରଦାନ-ମହଙ୍ଗା ଭତ୍ତା ପ୍ରଦାନ**

ଭାରତ ସରକାର ସମୟ ସମୟରେ ଘୋଷଣା କରୁଥିବା ମହଙ୍ଗା ଭତ୍ତା ଓ ଅନ୍ୟାନ୍ୟ ଭତ୍ତା ପ୍ରଦାନରେ ଏଜେନସୀ ବ୍ୟାଙ୍କ୍ ମାନେ ବିଳମ୍ବ କରୁଥିବାର ବହୁ ଅଭିଯୋଗ ରିଜର୍ଭ ବ୍ୟାଙ୍କ୍ ପ୍ରାପ୍ତ କରୁଅଛି ।

୨. ଏହି ବିଳମ୍ବ ଏଡ଼ାଇବା ପାଇଁ ପେନସନ୍ ପ୍ରଦାନ କାରୀ ବ୍ୟାଙ୍କ ମାନଙ୍କୁ ଆମର ପରିପତ୍ର ନଂ ଡ଼ିଜିବିଏ. ଜିଏଡ଼ି ନଂ.ଏଚ୫୦୬/୪୫.୦୧୦୦୧/୨୦୦୨-୦୩ ଏବଂ ଡ଼ିଜିବିଏ. ଜିଏଡ଼ି. ଏଚ୍-୧୭୬/ ୪୫.୦୧.୦୦୩/ ୨୦୦୪-୦୫, ଏପ୍ରିଲ ୧୨, ୨୦୦୩ ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛିଯେ ସେମାନେ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ନିର୍ଦ୍ଦେଶନାମାର କପି କିମ୍ବା ଡ଼ାକ/ଫାକ୍ସ ଓ ଇ-ମେଲ ମାଧ୍ୟମରେ ପ୍ରାପ୍ତ ନିର୍ଦ୍ଦେଶ ଅନୁସାରେ କିମ୍ବା ସଂପୃକ୍ତ ବିଭାଗର ୱେବସାଇଟରୁ ପ୍ରାପ୍ତ ତଥ୍ୟ ଭିତ୍ତିରେ ଏହି ଦେୟ ପ୍ରଦାନ କରିପାରିବେ । ଏହି ସମ୍ବନ୍ଧରେ ସେମାନେ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶନାମାକୁ ଅପେକ୍ଷା କରିବାର ଆବଶ୍ୟକତା ନାହିଁ ।

୩. ଆମେ ପୁଣିଥରେ ଅନୁରୋଧ କରୁଅଛୁ ଯେ, ପେନ୍‌ସନ୍ ପ୍ରଦାନକାରୀ ବ୍ୟାଙ୍କ୍ ମାନେ ସରକାରୀ ନିର୍ଦ୍ଦେଶ ଶୀଘ୍ର ପ୍ରାପ୍ତ କରିବାର ବନ୍ଦୋବସ୍ତ କରି ସେମାନଙ୍କର ଶାଖାମାନଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଇବେ । ପେନ୍‌ସନ୍ ଭୋଗୀ ମାନଙ୍କୁ ସରକାରଙ୍କ ଘୋଷିତ ଏହି ସୁବିଧା ପରବର୍ତ୍ତୀ ମାସର ପେନ୍‌ସନ୍ ମାଧ୍ୟମରେ ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ । ପେନ୍‌ସନ୍ ଭୋଗୀ ମାନଙ୍କୁ ସେମାନଙ୍କର ଶାଖା ମାନଙ୍କ ଦ୍ୱାରା ଠିକ୍ ସମୟରେ ଦେୟ ପ୍ରଦାନ ସେମାନଙ୍କର ମୁଖ୍ୟ କାର୍ଯ୍ୟାଳୟ ମାନେ ନିରୀକ୍ଷଣ କରିବା ଉଚିତ୍।

୪. ଆମେ ଏହାମଧ୍ୟ ନିର୍ଦ୍ଦେଶ ଦେଉଛୁ ଯେ, କେନ୍ଦ୍ରୀୟ ଘରୋଇ ଏବଂ ରେଳପଥ ବିଭାଗର ପେନ୍‌ସେନ୍ ଭୋଗୀ ମାନଙ୍କ କ୍ଷେତ୍ରରେ ନାମାଙ୍କିତ ଫର୍ମ 'ଏ' ଏବଂ 'ବି' ଅନୁସାରେ, ନାମାଙ୍କିତ ବ୍ୟକ୍ତିଙ୍କର ନାମ ପେନ୍‌ସନ୍ ପାସବହିର ପ୍ରଥମ ପୃଷ୍ଠାରେ ଉଲ୍ଲେଖ କରାଯିବ । ସାର୍ବଜନୀନ ବ୍ୟାଙ୍କ ମାନଙ୍କ ଦ୍ୱାରା ପେନ୍‌ସନ୍ ଭୋଗୀ ମାନଙ୍କୁ ପେନ୍‌ସନ୍ ପ୍ରଦାନ ଯୋଜନା ଅନ୍ତର୍ଗତ କାର୍ଯ୍ୟପ୍ରଣାଳୀର ସୁସମ୍ପାଦନ ପ୍ରକ୍ରିୟାକୁ ଶାଖାମାନେ ନିଶ୍ଚିତ କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇପାରେ ।

୫. ବ୍ୟାଙ୍କ କର୍ମଚାରୀ ମାନଙ୍କ ମଧ୍ୟରେ ପେନ୍‌ସନ୍ ପ୍ରଦାନ ସମ୍ବନ୍ଧୀୟ ନିୟମାବଳୀ ସଂପର୍କରେ ସଚେତନତା ସୃଷ୍ଟି କରିବା ବିଭିନ୍ନ ପ୍ରଶିକ୍ଷଣ ଅନୁଷ୍ଠାନ ଦ୍ୱାରା ଦିଆଯାଉଥିବା ପ୍ରଶିକ୍ଷଣର ଅଂଶ ବିଶେଷ ହେବା ଉଚିତ୍ କର୍ମଚାରୀ ମାନଙ୍କର ଦକ୍ଷତା ଆକଳନ ସମୟରେ ପେନ୍‌ସନ୍ ନିୟମର ଜ୍ଞାନକୁ ଆବଶ୍ୟକ ଗୁରୁତ୍ୱ ପ୍ରଦାନ କରିବାକୁ ଆମେ ପ୍ରସ୍ତାବ ଦେଉଛୁ ।

୬. ଏହି ସଂପର୍କରେ ଆପଣ ଗ୍ରହଣ କରିଥିବା କାର୍ଯ୍ୟାନୁଷ୍ଠାନ ବିଷୟରେ ଆମକୁ ଜଣାନ୍ତୁ ।

ଆପଣଙ୍କ ବିଶ୍ୱସ୍ତ

**(ଏମ୍.ଟି.ଭର୍ଗିଜ)**

ମହା ପ୍ରବନ୍ଧକ